


# ପାଣି ସମସ୍ୟା ନେଇ ବ୍ଲକ ଘେରିଲେ ମହିଳା

ଖଡ଼ିଆଳ : ଜଳ ସଙ୍କଟ ଦୂର ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିଲେ ହେଁ ବିଭାଗୀୟ ସରକାରୀ ବାବୁ ମାନଙ୍କ ଠିକାଦାର ପ୍ରୀତି ଯୋଗୁଁ ଲୋକେ ଯୋଜନା ର ଲାଭ ରୁ ବଞ୍ଚିତ ହେଉଛନ୍ତି । ଏଭଳି ଏକ ସଙ୍ଗୀନ ଅଭିଯୋଗ ଆସିଛି ଖଡ଼ିଆଳ ବ୍ଲକ ଗଡରାମୁଣ୍ଡା ପଞ୍ଚାୟତ ଫୋକଟ ପଡ଼ା ରୁ । ଘରେ ଘରେ ଜଳ ଯୋଗାଣ ପାଇଁ ସରକାର ବ୍ୟବସ୍ଥା କରିଥିବା ବେଳେ ଅଧିକାରୀ ଙ୍କ ଖାମ ଖିଆଲି ମନୋଭାବ ଯୋଗୁଁ ଦୈନନ୍ଦିନ ପାଣି ପାଇବା ରୁ ବଞ୍ଚିତ ହେଉଛନ୍ତି ପଡ଼ାବାସି । ସ୍ଥାନୀୟ ସରପଞ୍ଚଙ୍କ ଠାରୁ ବିଭାଗୀୟ ଯନ୍ତ୍ରୀ କୁ ବାରମ୍ବାର ଜଣାଇଥିଲେ ହେଁ କିଏ କର୍ଣ୍ଣପାତ କରୁ ନଥିବା ରୁ ଆଜି ଶତାଧିକ ମହିଳା ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ କୁ ଘେରାଉ କରି ଦାବି ଉପସ୍ଥାପନ କରିଛନ୍ତି । ଫୋକଟପଡ଼ା ରେ ହଜାରେ ରୁ ବାର ଶହ ଲୋକ ବସବାସ



କରୁଥିବା ବେଳେ ସେମାନଙ୍କ ପାଇଁ କେବଳ ଗୋଟିଏ ନଳ କୂପ ଅଛି ତାହା ପୁଣି ଫ୍ଲୁରାଇଡ ଯୁକ୍ତ ପାଣି । ତେଣୁ ସେମାନଙ୍କ ପାଇଁ ପାଇପ ଯୋଗେ ପାଣି ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି । ହେଲେ ପରିଚାଳନା ତ୍ରୁଟି କେବେ ପାଇପ, ଫାଟିବା ର ବାହାନା ତ କେବେ ଲାଇଟ ତ୍ ଆଉ କେବେ କେବୁଲ ଚୋରି ର ବାହାନା କରି ମାସ ମାସ ଧରି ପାଣି ଦେଉନଥିବା ଅଭିଯୋଗ କରିଛନ୍ତି ପଡ଼ା ବାସୀ । ତୁରନ୍ତ ପାଣି ସମସ୍ୟା ର ସମାଧାନ ନହେଲେ ବିରାଟ ଆନ୍ଦୋଳନ ହେବ ବୋଲି ମହିଳା ମାନେ ଚେତାବନୀ ଦେଇଛନ୍ତି । ଆଜି ଏହି ସମସ୍ୟା ର ସମାଧାନ ନେଇ ବ୍ଲକ ଘେରାଉ କରିଥିବା ମହିଳା ମାନେ ବିଡ଼ିଓ ଙ୍କ ଅନୁପସ୍ଥିତି ରେ ଖଡ଼ିଆଳ ଉପାଧ୍ୟକ୍ଷ ଗୌତମ ତାଣ୍ଡି ଙ୍କୁ ଦାବି ଜଣାଇ ଥିଲେ । ଉପାଧ୍ୟକ୍ଷ ମହିଳା ମାନଙ୍କ ସହ କଥାବାର୍ତ୍ତା କରି ବିଭାଗୀୟ ଯନ୍ତ୍ରୀ ଙ୍କୁ ଡାକି ସମସ୍ୟା ର ସମାଧାନ ପାଇଁ ଆଲୋଚନା କରିଥିଲେ । ପ୍ରକୃତ ଲାଇଟ ସମସ୍ୟା ଯୋଗୁଁ କିଛି ଦିନ ହେବ ପାଣି ଯୋଗାଣ ବନ୍ଦ ରହିଥିଲା ଆଜି ସନ୍ଧ୍ୟା ଅଥବା କାଲି ଠାରୁ ପାଣି ଯୋଗାଣ କରି ଦିଆଯିବ ବୋଲି ଯନ୍ତ୍ରୀ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଜିଲ୍ଲା ରେ ବିଭିନ୍ନ ଗାଁ ରେ ଜଳ ସଙ୍କଟ ଥିବା ବେଳେ ସରକାରୀ ବାବୁଙ୍କ ଖାମ୍ ଖିଆଲି ମନୋଭାବ ଓ ଆନ୍ତରିକତା ର ଅଭାବ ହିଁ ଏହାର ମୁଖ୍ୟ କାରଣ । ଫୋକଟପଡ଼ା ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ କୁ ଲାଗି ରହିଥିବା ଏକ ସାହି । ଯଦି ବ୍ଲକ କୁ ଲାଗି ରହିଥିବା ସାହି ର ଏଭଳି ସମସ୍ୟା ତେବେ ଉପାନ୍ତ ରେ ଲୋକଙ୍କ ସମସ୍ୟା କେମିତି ଥିବ ତାହା ସହଜେ ଅନୁମେୟ ।

# ବର୍ଷପୂର୍ତ୍ତୀ ଉପଲକ୍ଷେ ଏନଏସିରେ ବିକାଶ ବାହନ ରଥ ପରିକ୍ରମା

ନିମାପଡ଼ା : ରାଜ୍ୟରେ ନୂଆ ସରକାରଙ୍କ ଏକବର୍ଷ ପୂର୍ତ୍ତୀ ଉପଲକ୍ଷେ ପୌରାଞ୍ଚଳରେ ହୋଇଥିବା ଲୋକାଭିମୁଖୀ, ବିକଶିତ କାର୍ଯ୍ୟର ସବିଶେଷ ତଥ୍ୟ ପୌରବାସୀଙ୍କୁ ଅବଗତ କରିବା ନିମନ୍ତେ ନିମାପଡ଼ା ଏନଏସି ତରଫରୁ ବିକାଶ ବାହନ ରଥ ପରିକ୍ରମା କାର୍ଯ୍ୟକ୍ରମ ଉଦଘାଟନ ହୋଇଛି । ବର୍ଷ ଏକ ଉପଲବ୍ଧି ଅନେକ ଅନ୍ତର୍ଗତ ସରକାରଙ୍କ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ନିମନ୍ତେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟର ୩୧୪ ବ୍ଲକ, ୬୨ଟି ବିଜ୍ଞାପିତ ଅଞ୍ଚଳ ପରିଷଦ, ୪୮ଟି ମୁନିସିପାଲିଟି ଏବଂ ୫ଟି ମହାନଗର ନିଗମ ଗୁଡିକରେ ବିକାଶ ବାହନ ରଥ ପରିକ୍ରମା କରିବାକୁ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଏହି କ୍ରମରେ ଜୁନ ୧୮ ଓ ୧୯ ତାରିଖ ଦୁଇଦିନ ଧରି ବିକାଶ ରଥ ନିମାପଡ଼ା ଏନଏସିର ୧୧ଟି ୱାର୍ଡ଼ ପରିକ୍ରମା କରିବା ପାଇଁ ଆଜି ଶୁଭାରମ୍ଭ ହୋଇଛି । ଏନଏସି କାର୍ଯ୍ୟାଳୟ ଠାରେ ପୂର୍ବାହ୍ନ ୧୦ଟାରେ



ରଥକୁ ଅଧକ୍ଷା ସସ୍ମିତା ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଉପାଧକ୍ଷ ସନ୍ତୋଷ ଦାଶ, ନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ସାଂସଦ ପ୍ରତିନିଧି ମିନଲତା ମହାନ୍ତି ପ୍ରମୁଖ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୧୧ଟି ୱାର୍ଡ଼ର କାଉନସିଲର, ପରିମଳ ଅଧିକାରୀ ବିଜୟ ଗ୍ରହଚାର୍ଯ୍ୟ, ଗୋଷ୍ଠୀ ସଂଗଠିକା ସିପ୍ରା ସାହୁ, ସ୍ୱଚ୍ଛ ସାଥିଙ୍କ ସମେତ ଏନଏସିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଏନଏସି କାର୍ଯ୍ୟାଳୟ ଠାରୁ ଆରମ୍ଭ ହୋଇ ରଥ ଗୁଣ୍ଡିଚାବାଡି, ଜଇନାବାଦ, ପ୍ରହରାଜ ସାହି, ମୁସଲିମ ବସ୍ତି, ପାଟପୁର, କିଆକଣ୍ଡା, ନୁହାରକିରି, ଭୁବନପୁର ଆଦି ଏନଏସିର ବିଭିନ୍ନ ୱାର୍ଡ଼ ପରିକ୍ରମା କରିଥିଲା । ଏହି ଅବସରରେ ମା' ପାଇଁ ଗଛ ଟିଏ ଉଦ୍ଦେଶ୍ୟରେ ଗୋପ ବନାଞ୍ଚଳ ଅଧିକାରୀଙ୍କ ପକ୍ଷରୁ ନିଃଶୁଳ୍କ ଚାରା ବିତରଣ କରାଯାଇ ଥିଲା । ପୌରବାସୀଙ୍କର ଯଦି କିଛି ଅଭିଯୋଗ ଥାଏ, ବିକାଶ ବାହନ ରଥ ୱାର୍ଡ଼ରୁ ୱାର୍ଡ଼, ସାହିରୁ ସାହି ପରିକ୍ରମା କରିବା ସମୟରେ ଅଭିଯୋଗ ପତ୍ର ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ଚିନ୍ମୟ ଦାସ ଜଣାଇଛନ୍ତି ।

# ବେଦାନ୍ତ ଆଇଓଓ ପକ୍ଷରୁ ବଡ଼ବିଲର ଗ୍ରାମଗୁଡିକରେ ରଜ ପାଳନ

ବେଦାନ୍ତ ଆଇରନ୍ ଓର ଓଡ଼ିଶା (ଆଇଓଓ) ଏହାର ସେସା କର୍ମଚାରୀ ସ୍ୱେଚ୍ଛାସେବା କାର୍ଯ୍ୟକଳାପ (ସେବା)ର ତତ୍ତ୍ୱାବଧାନରେ, ନାଡ଼ିହିହି, କେନ୍ଦୁଡିହି ଏବଂ ରେଙ୍ଗାଲବେଡା ଗ୍ରାମଗୁଡିକର ଗୋଷ୍ଠୀ ସଦସ୍ୟମାନଙ୍କ ସହିତ ସାଂସ୍କୃତିକ ଭାବରେ ଗୁରୁତ୍ୱପୂର୍ଣ୍ଣ 'ରଜ ପର୍ବ' ପାଳନ କରିଛି । ଏହି କାର୍ଯ୍ୟକ୍ରମ ଆନନ୍ଦ, ପରମ୍ପରା ଏବଂ ସଂଯୋଗର ଏକ ଦିନ ପାଇଁ ବାସିନ୍ଦାମାନଙ୍କୁ ଏକାଠି କରିଥିଲା । ଏହି ପଦକ୍ଷେପ ଓଡ଼ିଶାର ନୀତିରେ ଗଭୀର ଭାବରେ ଜଡ଼ିତ ଗୋଷ୍ଠୀ-ପ୍ରଥମେ ସଂଗଠନ ଭାବରେ ବେଦାନ୍ତର ଭୂମିକାକୁ ଆହୁରି ମଜବୁତ କରିଥିଲା । ଏହି ଉତ୍ସବରେ ଲୋକନୃତ୍ୟ ପ୍ରଦର୍ଶନ, ସ୍ଥାନୀୟ ଖେଳ, ଗୀତ ଗାଇବା ଅଧିବେଶନ, ରଙ୍ଗୋଲି ପ୍ରତିଯୋଗିତା ଏବଂ ପ୍ରତୀକାତ୍ମକ ରଜ ଦୋଳି ସମେତ ବିଭିନ୍ନ ଆକର୍ଷଣୀୟ କାର୍ଯ୍ୟକଳାପ ପ୍ରଦର୍ଶିତ ହୋଇଥିଲା, ଯାହା ଝିଅମାନଙ୍କ ପାଇଁ ବିଶେଷ ଆନନ୍ଦ ଆଣିଥିଲା । ଯାହା ଏହି ଉତ୍ସବର ଏକ ପ୍ରତୀକାତ୍ମକ ପରମ୍ପରାକୁ ଗୁମ୍ଫିତ କରିଥିଲା । ଆଇଓଓ କର୍ମଚାରୀମାନେ ମଧ୍ୟ ଉତ୍ସବରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ । ଉତ୍ସବ ଯୋଜନା ଏବଂ କାର୍ଯ୍ୟକାରୀ କରିବାରେ ସେମାନଙ୍କର ସମୟ ଏବଂ ପ୍ରୟାସ ସେମାନେ ସ୍ୱେଚ୍ଛାକୃତ ଭାବରେ ପ୍ରଦାନ କରିଥିଲେ । ବରିଷ୍ଠ ନେତୃତ୍ୱ ସହିତ ସେମାନଙ୍କର ଉପସ୍ଥିତି ବେଦାନ୍ତର ଅନ୍ତର୍ଭୁକ୍ତ ସଂସ୍କୃତି ଏବଂ ପ୍ରତ୍ୟେକ ସ୍ତରରେ ଗୋଷ୍ଠୀ ସହଭାଗୀତା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା । ଏହି ଅବସରରେ ବେଦାନ୍ତ ଆଇରନ୍ ଓର ଓଡ଼ିଶାର ସିଇଓ ଅଜିତ ପାତ୍ର କହିଲେ, ରଜ ପର୍ବ ହେଉଛି ଆମ ଗୋଷ୍ଠୀଗୁଡ଼ିକୁ ଏକତ୍ର ବାନ୍ଧି ରଖୁଥିବା ଗଭୀର ସାଂସ୍କୃତିକ ମୂଳର ଏକ ଶକ୍ତିଶାଳୀ ଶକ୍ତି । ବେଦାନ୍ତ ଆଇଓଓରେ ଆମେ ବିଶ୍ୱାସ କରୁ ଯେ, ପ୍ରକୃତ ପ୍ରଗତି ଭିତିଭୂମି ଏବଂ କାର୍ଯ୍ୟଠାରୁ ଅଧିକ । ଏହା ଲୋକଙ୍କ ସହିତ ସଂଯୋଗ ସ୍ଥାପନ କରିବା, ସେମାନଙ୍କର ଐତିହ୍ୟକୁ ପାଳନ କରିବା ଏବଂ ସେମାନଙ୍କ ଆକାଂକ୍ଷାକୁ ସମର୍ଥନ କରିବାର କ୍ଷମତାରେ ନିହିତ ରହିଛି । ଏପରି ଗୋଷ୍ଠୀ ଉତ୍ସବଗୁଡ଼ିକରେ ଆମର ଅଂଶଗ୍ରହଣ ପ୍ରତୀକାତ୍ମକ ନୁହେଁ । ଏହା ଆମର ମୂଳ ବିଶ୍ୱାସକୁ ପ୍ରତିଫଳିତ କରେ ଯେ, ସ୍ଥାୟୀ ବିକାଶ ପରମ୍ପରା ଏବଂ ପରିବର୍ତ୍ତନ ଉଭୟକୁ ସମ୍ମାନ କରିବା ଉଚିତ୍ । ଆମେ ସମାଜକୁ 'ଫେରସ୍ତ' ଦେବାକୁ ଏବଂ ଓଡ଼ିଶାର ଲୋକଙ୍କ ସହିତ ଏହି ପଥରେ ଚାଲିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଅଂଶୀଦାର, ସମର୍ଥକ ଏବଂ ଏକ ସହଭାଗୀ ଭବିଷ୍ୟତର ନାଗରିକ ଭାବରେ ଆମେ କାର୍ଯ୍ୟ କରୁଛୁ । ଏହି ପଦକ୍ଷେପକୁ ନାଡ଼ିହିହିର ସରପଂଚ ଶ୍ରୀମତୀ ରାଣୀ ଲୋହାର ପ୍ରଶଂସା କରି କହିଲେ, ରଜ ପର୍ବ ପାଳନରେ ବେଦାନ୍ତ ଆଇଓଓର ସମର୍ଥନ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ପାଇଁ ଏକ ପ୍ରକୃତ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି । ପାରମ୍ପରିକ ଖେଳ ଏବଂ ଉତ୍ସବ ମାଧ୍ୟମରେ ସ୍ଥାନୀୟ ବାସିନ୍ଦାଙ୍କୁ ସାମିଲ କରିବା ଗୋଷ୍ଠୀ ପାଇଁ ଏକ ଅପାର ସକାରାତ୍ମକତା ଦୃଷ୍ଟିକୋଣ ଆଣିଛି । ପର୍ବ ବ୍ୟତୀତ, ଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ଏବଂ ଜୀବିକା ନିର୍ବାହରେ ବେଦାନ୍ତର ନିରନ୍ତର ପ୍ରୟାସ ଆମ ଗ୍ରାମଗୁଡ଼ିକର ସାମଗ୍ରିକ ବିକାଶରେ ଏକ ପ୍ରକୃତ ପରିବର୍ତ୍ତନ ଆଣିଛି । ରଜ ପର୍ବ ପାଳନ ସାଂସ୍କୃତିକ ସମନ୍ୱୟ ଏବଂ ତୃଣମୂଳ ସ୍ତରରେ ସମ୍ପୃକ୍ତି ମାଧ୍ୟମରେ ବେଦାନ୍ତର ଗୋଷ୍ଠୀ ବିକାଶ ପାଇଁ ବ୍ୟାପକ ଆଭିମୁଖ୍ୟର ଏକ ଅଂଶ । ପ୍ରୋଜେକ୍ଟ ଜୀବିକା, ପ୍ରୋଜେକ୍ଟ ବୃଦ୍ଧି ଏବଂ ସେବା ଭଳି ପଦକ୍ଷେପ ମାଧ୍ୟମରେ, ବେଦାନ୍ତ ଆଇଓଓ କେନ୍ଦୁଝର ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରଭାବ ସୃଷ୍ଟି କରିଚାଲିଛି । ଗୋଷ୍ଠୀ ମଧ୍ୟରେ ପରିବର୍ତ୍ତନର ଦୃଷ୍ଟିକୋଣକୁ ଆଗକୁ ବଢାଇଛି । ଯେତେବେଳେ ଓଡ଼ିଶା ରଜ ଭଳି ଉତ୍ସବ ମାଧ୍ୟମରେ ନିଜର ପରିଚୟ ପାଳନ କରିଥାଏ, ବେଦାନ୍ତ ଆଇଓଓ ଗୋଷ୍ଠୀଗୁଡ଼ିକୁ ସୁଦୃଢ଼ କରିବା, ପରମ୍ପରାକୁ ସଂରକ୍ଷଣ କରିବା ଏବଂ ଏକ ସମୃଦ୍ଧ, ଅନ୍ତର୍ଭୁକ୍ତ ଭବିଷ୍ୟତ ଗଠନ କରିବା ପାଇଁ ପ୍ରତଶ୍ରୁତିବଦ୍ଧ ।

# ଗଣ୍ଡକିପୁର ଉପର ସାହିରେ ପଞ୍ଚମ ବାର୍ଷିକ ରଜ ମହୋତ୍ସବ

କୁଜଙ୍ଗ : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗଣ୍ଡକିପୁର ପଞ୍ଚାୟତ ଗଣ୍ଡକିପୁର ଗ୍ରାମର ଉପର ସାହିରେ ମା ଶାରଳା ଯୁବ ପରିଷଦ ପକ୍ଷରୁ ପଞ୍ଚମ ବାର୍ଷିକ ରଜ ମହୋତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି ।ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୂମିହରା କୃଷକ ଏକତା ମଞ୍ଚର ସଭାପତି ତଥା ଶ୍ରମିକ ନେତା ଆଶିଷ କୁମାର ସାମଲ,ଗାଁର ବରିଷ୍ଠ ମୁରବୀ ଧନେଶ୍ୱର ସାମଲ,ସମାଜସେବୀ କୈଳାଶ ଚନ୍ଦ୍ର ନନ୍ଦ,ବୁଟୁନା ସାହୁ,ସୁନତି ଦେଇ, ଗୌରାଙ୍ଗ ମାଝୀ,ଜେଲୀ ସାମଲ,ମଞ୍ଜୁ ସାମଲ,ବିନିତା ତରାଇ,ସନ୍ଧ୍ୟା ମାଝୀ ପ୍ରମୁଖ ଯୋଗଦେଇ ରଜ ପର୍ବକୁ କିପରି ପାଳନ କରିବେ ସେ ଦିଗରେ ନିଜେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।ତେବେ



ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ରଜ ଦୋଳି,ସାଂସ୍କୃତିକ କାର୍ଯ୍ୟକ୍ରମ,ଓଡ଼ିଶୀ ନୃତ୍ୟ,ସଙ୍ଗୀତ ଆଦି ମଞ୍ଚରେ ପରିବେଷଣ କରାଯାଇଥିଲା । ଏହାକୁ ଗ୍ରାମର ଲୋକମାନେ ଓ ଦୂର ଦୁରନ୍ତାରୁ ଆସିଥିବା ଦର୍ଶକ ମାନେ ମନଭରି ଉପଭୋଗ କରୁଥିଲେ ।ମାତ୍ର ଆଗାମୀ ଦିନରେ କିପରି ଚାରୀ ଦିନ ଧରି ଏହି ରଜ ମହୋତ୍ସବରେ ଗ୍ରାମବାସୀ ମାନେ ଖୁସୀ ମନାଇବେ ସେ ଦିଗରେ ପ୍ରୟାସ ଜାରୀ ରହିବ ବୋଲି ଶ୍ରମିକ ନେତା ଆଶିଷ କୁମାର ସାମଲ ପ୍ରକାଶ କରିଛନ୍ତି ।

# ସର୍ବ ଭାରତୀୟ ସ୍ତରରେ ନିଟ୍ ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରଙ୍କୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା : କେନ୍ଦ୍ରାପଡ଼ାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ଭାଗବତପୁର ପଞ୍ଚାୟତ ସିଙ୍ଗିରି ଗ୍ରାମର ପୂର୍ବତନ ସରପଞ୍ଚ ଧରଣୀ ଧର ଦାସ ଓ ମିନତୀ ଦାସଙ୍କ ପୁତ୍ର ଆଶିଷ କୁମାର ଦାସ ସର୍ବ ଭାରତୀୟ ସ୍ତରରେ ନିଟ ପରୀକ୍ଷାରେ ଭଲ ରାୟଙ୍କଙ୍କ ରଖି ସଫଳତା ପାଇ କେନ୍ଦ୍ରାପଡ଼ାର ଗୌରବ ଆଣିଥିବାରୁ ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ମିଠା, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା କରାଯାଇଥିଲା । ସେ ଭୁବନେଶ୍ୱର ରହି ଏକ ଘରୋଇ ଅନୁଷ୍ଠାନରେ ପ୍ରଶିକ୍ଷଣ ନେଉଥିଲେ କ୍ଷ ସେ ଜଣେ ଭଲ ଚିକିତ୍ସକ ହୋଇ ଦୁଃଖୀ ରଙ୍କି ଙ୍କୁ ମାଗଣାରେ ଚିକିତ୍ସା କରିବେ ବୋଲି ପ୍ରକାଶ କରିବା ସହ ଆମ ଗାଁ ସାହିତ୍ୟ ପରିଷଦକୁ କୃତଜ୍ଞତା ଜ୍ଞାପନ କରିଥିଲେ କ୍ଷ ଉପଦେଷ୍ଟା,ବିଶିଷ୍ଟ ସମାଜସେବୀ ଦ୍ୱ ନାରାୟଣ ପତି, ଉପସଭାପତି ସନ୍ତୋଷ କୁମାର ପୋଥାଳ, ସମ୍ପାଦକ ସ୍ୱପ୍ନକ୍ଷଣୁ କୁମାର ଦାସ , ଅକ୍ଷୟ କୁମାର ରାଉଳ ପ୍ରମୁଖ ଯୋଗ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ଭିଜିଲାନ୍ସ ଜାଲରେ ଅବକାରୀ ସବ୍ ଇନ୍ସପେକ୍ଟର

ଟାଙ୍ଗୀ : ଟାଙ୍ଗୀ ନୂଆ ସରକାର ଆସିବା ପରେ ରାଜ୍ୟରେ ଦୁର୍ନିତୀ ମୁକ୍ତ ରାଜ୍ୟ ଗଠନ ଲକ୍ଷ । ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ମୋହନ ମାଝି ବିଭିନ୍ନ ସଭାସମିତି ରେ ଉଦ୍ବୋଧନ ଦେଇ ବିଭିନ୍ନ ବିଭାଗର ଅଫିସର ଙ୍କୁ ତାଗିଦ୍ କରିଥିଲେ ଯେ ହୁଅନ୍ତୁ ନା କାହିଁକି ଯେ ଦୁର୍ନିତୀ କରିବ ତ୍ରିଗୁଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ସରକାର ସଚେତନ କରିବା ପରେ ମଧ ଏ ଦୁର୍ନୀତି ଖୋର ବାବୁ ମାନେ ସରକାର ନିର୍ଦ୍ଦେଶ କୁ ଫୁ କରିଦେଇ ପକେଟ ଗରମ୍ କରିବା ରେ ବ୍ୟସ୍ତ । ଏହିଭଳି ଘଟଣା ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଅବକାରୀ ଇନ୍ସପେକ୍ଟର ଅମରେନ୍ଦ୍ର ସତପଥି ଙ୍କ କ୍ଷେତ୍ରରେ କୋଟି ପତି ହେବା ଲକ୍ଷରେ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନୀ ଠାରୁ ନିଜ କାର୍ଯ୍ୟାଳୟ ଭିତରେ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡିଲେ । ଟାଙ୍ଗୀ ଅବକାରୀ ସବ ଇନ୍ସପେକ୍ଟର ବାବୁ ଅମରେନ୍ଦ୍ର ସତପଥି ୮ହଜାର ଟଙ୍କା ଲାଞ୍ଚ ନେଇ ଧରା ପଡିଲେ ଧରିଲା



ଭୁବନେଶ୍ୱର ରୁ ଆସିଥିବା . ଭିଜିଲାନ୍ସ ଟିମ ଅମରେନ୍ଦ୍ର ଶତପଥୀ ଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ରାସାୟନିକ ପ୍ରକ୍ରିୟାରେ ହାତ ଧୋଇବାରୁ ଲାଞ୍ଚ ଟଙ୍କା ନେଇଥିବା ସ୍ପଷ୍ଟ ଜଣା ପଡିଥିଲା ଏହାପରେ ଅମରେନ୍ଦ୍ର ସତପଥି ଙ୍କୁ ଭୁବନେଶ୍ୱର ଭିଜିଲାନ୍ସ ଟିମ ଗିରଫ କରି କୋର୍ଟ ଚାଲାଣ କରିଛି ।ଏହାସହ ଭୁବନେଶ୍ୱର ବରଗଡ଼ ଥିବା ବାସ ଭବନ ଓ ପୈତୃକ ଘର ଜଟଣୀ ରାମଚନ୍ଦ୍ର ପୁର ଗ୍ରାମରେ ଚଢ଼ାଉ ଭିଜିଲାନ୍ସ ବିଭାଗ ଚଢ଼ାଉ ଜାରୀ ରଖିଛି ।

# ସପ୍ତମ ଦିନରେ ରାମଗଡ, ଧଳପୁର ଓ ଲୁଣିବାହାଲ ପଂଚାୟତରେ ପହଁଚିଲା ସଚେତନତାଧର୍ମୀ ବିକାଶ ବାହାନ ରଥ

ବୌଦ୍ଧହରଭଙ୍ଗା : ହରଭଙ୍ଗା ବ୍ଲକରେ ସଚେତନତା ଧର୍ମୀ ବିକାଶ ବାହାନ ସପ୍ତମ ଦିନରେ ପହଞ୍ଚିଛି । ଆଜି ସପ୍ତମ ଦିନରେ ବ୍ଲକ ର ରାମଗଡ, ଧଳପୁର ଓ ଲୁଣିବାହାଲ ପଂଚାୟତ କାର୍ଯ୍ୟାଳୟ ରେ ରଥ ପହଂଚିବା ପରେ ରଥ କୁ ତିନିଗୋଟି ପଂଚାୟତ ରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ରାଜ୍ୟରେ ଭାଜପା ସରକାର ଗଠନ ର ଏକ ବର୍ଷ ପୂର୍ତ୍ତି ଅବସରରେ ଜନ କଲ୍ୟାଣକାରୀ ସରକାରୀ ଯୋଜନାର କାର୍ଯ୍ୟକାରିତା ଓ ହିତାଧିକାରୀଙ୍କ ସହଯୋଗ ଏବଂ ଭାଗିଦାରୀତା ନେଇ ରାଜ୍ୟ ସରକାର ଙ୍କ ବିଭିନ୍ନ ଯୋଜନା ର କାର୍ଯ୍ୟକାରିତା ସମ୍ପର୍କିତ ବିକାଶ ବାହାନ ପରିକ୍ରମଣ ରଥ ଆଜି ଉକ୍ତ ତିନିଗୋଟି ହରଭଙ୍ଗା ବ୍ଲକ ରପିତାମ୍ବର ପୁର ପଂଚାୟତ ରେ ପହଂଚି ସଚେତନତା କରିଛି କ୍ଷ ଏହି ବାହାନ ଗତ ୧୨ତାରିଖ ରେ ଶୁଭାରମ୍ଭ ହୋଇ ବ୍ଲକ ର ବିଭିନ୍ନ ପଂଚାୟତ ରେ ପହଂଚି ସରକାରୀ ଯୋଜନା ଓ ସଚେତନତା କରିଥିଲା କ୍ଷ ଆଜିର କାର୍ଯ୍ୟକ୍ରମ ରେ ଅତିଥିଭାବେ ସି ଡି ଓ ପ୍ରଭାସ ଚନ୍ଦ୍ର ଦଣ୍ଡସେନା କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିବା ବେଳେ ସମ୍ମାନିତ



ଅତିଥିଭାବେ ବିଡ଼ିଓ ବିଡ଼ିଓ ଶରତ କୁମାର ସେଠି କାର୍ଯ୍ୟକ୍ରମ ର ପରିଚାଳନା କରିଥିଲେ କ୍ଷ ରାମଗଡ ପଂଚାୟତ ର ସରପଞ୍ଚ ପ୍ରବାସିନୀ ଯୋଶୀ, ଧଳପୁର ପଂଚାୟତ ସରପଞ୍ଚ ସୁଜାତା କର୍ଣ୍ଣ ଓ ଲୁଣି ବାହାଲ ପଂଚାୟତ ସରପଞ୍ଚ ଚନ୍ଦ୍ରମା ପ୍ରଧାନ, ତିନି ଗୋଟି ପଂଚାୟତ ର ପଂଚାୟତ ନିର୍ବାହୀ ଅଧିକାରୀ, ଉଡ଼, ଯନ୍ତ୍ରୀ ନିଜ ନିଜ ପଂଚାୟତ ରେ ବ୍ଲକ ସ୍ତରୀୟ ସମସ୍ତ ବିଭାଗ ଅଧିକାରୀ ଉପସ୍ଥିତ ଉପସ୍ଥିତ ରହି ନିଜ ନିଜ ବିଭାଗୀୟ ସରକାରୀ ଯୋଜନା ଉପରେ ଏବଂ ନୂତନ ସରକାର ଙ୍କ ଏକ ବର୍ଷ ପୂର୍ତ୍ତି ର ବିକାଶ ମୂଳକ ଯୋଜନା ଉପରେ ଜନ ସାଧାରଣ ଙ୍କୁ ନିଜ ନିଜ ମତ ରଖାଥିଲେ କ୍ଷ ସେପଟେ ଉପସ୍ଥିତ ଥିବା ବହୁ ହିତାଧିକାରୀଙ୍କୁ ଭତ୍ତା, ଅନ୍ତର୍ଦ୍ଦୟ ଗୃହ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା କାର୍ଡ, ଶ୍ରମ କାର୍ଡ, କୃଷି ସମ୍ବନ୍ଧୀୟ ଯୋଜନା ର ଯୋଜନା,ପ୍ରଦାନ କରିଥିଲେ ଏହି କାର୍ଯ୍ୟକ୍ରମ ରେ ଥିବା ପଂଚାୟତ ର ନାରୀ ଶକ୍ତି, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠି, ଜନ ସାଧାରଣ ଉପସ୍ଥିତ ଥିଲେ କ୍ଷ ଅନ୍ୟ ପଟେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ମଧ କରାଯାଇଥିଲା ।

# ଜଳ ନିଷ୍କାସନ ବ୍ୟବସ୍ଥାକୁ ଗୁରୁତ୍ୱ ନଦେଇ ରାସ୍ତା ନିର୍ମାଣ, ଅଂଚଳବାସୀ ଜଳବନ୍ଦୀ

କୋରେଇ, : ଜାତୀୟ ରାଜପଥ ୧୬ ଠାରୁ ଦାମୋଦରପୁର ଗ୍ରାମ ଦେଇ ଜାତୀୟ ରାଜପଥ ୨୦ ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଚାଲୁଅଛି । କିନ୍ତୁ ଜଳ ନିଷ୍କାସନର କୌଣସି ବ୍ୟସ୍ଥାପ୍ରା ନକରି ରାସ୍ତା ନିର୍ମାଣ କରିବା ଫଳରେ ଗ୍ରାମର କିଛି ପରିବାର ଏବେ ଜଳବନ୍ଦୀ ଭାବେ ରହୁଛନ୍ତି । ଯାଜପୁର ଜିଲ୍ଲାରେ ମହାମାରୀ ହଇଜା ଓ ଝାଡ଼ାବାନ୍ତି ନିଜର କାୟା ବିସ୍ତାର କରିଚାଲିଥିବା ବେଳେ ଜିଲ୍ଲାରେ ୧୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ମୃତ୍ୟୁ ବରଣ କରିସାରିଲେଣି । କିନ୍ତୁ ରୋଗ ଥମିବାର ନାଁ ଧରୁନାହିଁ । ଏପରିସ୍ଥଳେ ଜଳ ନିଷ୍କାସନ ବ୍ୟବସ୍ଥାକୁ ଗୁରୁତ୍ୱ ନଦେଇ ରାସ୍ତା ନିର୍ମାଣ କରିବା ଫଳରେ କିଛି ଅଂଚଳବାସୀ ପାଣି ଘେରରେ ରହି ଜଳବନ୍ଦୀ ଭାବେ ବଂଚୁଛନ୍ତି । ମହାମାରୀ ହଇଜା ଏକ ଜଳବାହିତ ରୋଗ ହୋଇଥିବାରୁ ସରକାର ବାରମ୍ବାର ଏ ନେଇ କୌଣସି ସ୍ଥାନରେ ପାଣି ନଜମିବା ନେଇ ସତର୍କତା ଅବଲମ୍ବନ କରିବା ଲାଗି ପରାମର୍ଶ ଦେଉଛନ୍ତି । କିନ୍ତୁ ପାଣିକୋଇଲି ପଂଚାୟତ ଅଧିନସ୍ଥ ଦାମୋଦରପୁର ଗ୍ରାମ ରାସ୍ତାର ଉକ୍ତ ସ୍ଥାନଟିରେ ବର୍ଷା ଜଳ ଜମି ରହିବା ହଇଜାକୁ ନିମନ୍ତ୍ରଣ କରୁଛି କହିଲେ ଅତ୍ୟୁକ୍ତି ହେବ ନାହି । ଏ ନେଇ ସେ ସ୍ଥାନର ଅଂଚଳବାସୀ ଉକ୍ତ ଠିକାଦାରକୁ ଯୋଗାଯୋଗ କରିଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନନେବାରୁ ବାଧ୍ୟ ହୋଇ ପଂଚାୟତ ସହିତ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ । ତେଣୁ ଜିଲ୍ଲା ପ୍ରଶାସନ ଏ ନେଇ ସ୍ୱତନ୍ତ୍ର ଦୃଷ୍ଟି ଦେବା ଲାଗି ଅଂଚଳବାସୀ ଦାବି କରିଛନ୍ତି ।

# ଦାନଗଦି ତହସିଲି ରାସ୍ତାରେ ସାମାନ୍ୟ ବର୍ଷାରେ ଆଣ୍ଠୁଏ ପାଣି, ବେହାଲ ଜନସାଧାରଣ

କଳିଙ୍ଗନଗର, : ରାସ୍ତା ନିର୍ମାଣ ଓ ମରାମତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ଏହି ରାସ୍ତାରେ ବହୁ ଦୁର୍ଘଟଣା ଘଟୁଛି ।ଦାନଗଦି ବ୍ଲକ ପ୍ରଶାସନର ନାକ ନିଶ ତଳେ ରାସ୍ତାର ଅବସ୍ଥା ନ କହିବା ଭଲ, ଏପରି ଏକ ଚିତ୍ର ଦେଖିବାକୁ ମିଳିଛି ।ଦାନଗଦି ବ୍ଲକ ଅନ୍ତର୍ଗତ ତ୍ରିଜଙ୍ଗା ପଞ୍ଚାୟତର ଦାନଗଦି ତହସିଲି ରାସ୍ତା ଆରମ୍ଭରୁ ସାମାନ୍ୟ ବର୍ଷାରେ ଆଣ୍ଠୁଏ ପାଣି ଜମୁଛି ।ଏହି ଅବସ୍ଥା ଦେଖିଲେ କଳିଙ୍ଗନଗରର ଚିତ୍ର କେତେ ଯେ ବିକାଶ ତାହା ଜଣାପଡୁଛି । ଏହି ରାସ୍ତାଟି ଡୁବୁରୀ-ତୋରଦା ରାସ୍ତାର ଦାନଗଦିରୁ ଆରମ୍ଭ କରି ସୋଲେଇ ଗ୍ରାମ ପ୍ରାୟ ତିନି କିମି ପର୍ଯ୍ୟନ୍ତ ରାସ୍ତା ।ରାସ୍ତାର ନିର୍ମାଣଗତ ତ୍ରୁଟି ଓ ବର୍ଷା ଜଳ ନିଷ୍କାସନର ବ୍ୟବସ୍ଥା ନ ଥିବା ଯୋଗୁଁ ସାମାନ୍ୟ ବର୍ଷାରେ ଆଣ୍ଠୁ ଏ ପାଣି ଜମି ରହିବା ଫଳରେ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଛି । ୨୩ଟି ପଞ୍ଚାୟତରୁ ତହସିଲିକୁ କାର୍ଯ୍ୟ ନିମନ୍ତେ ଆସିଥାନ୍ତି । ସରକାର ବଦଳିଛି କିନ୍ତୁ ରାସ୍ତା ସେହି ପୁରୁଣା ହୋଇ ରହିଯାଇଛି ।ସଖାଳରୁ ସଞ୍ଜ ପାଇଲେ ରାସ୍ତାରେ ସରକାରୀ ତହସିଲି ଅଫିସକୁ ଓ ସୋଲେଇ ଗ୍ରାମକୁ ପ୍ରାୟ ଛଅ ହଜାର ଲୋକ ଅଧିକା ଯାତାୟାତ ପାଇଁ ରାସ୍ତାଟି ବ୍ୟବହାର ହୋଇଥାଏ । ରାସ୍ତାରେ ଯାତାୟାତ କରୁଥିବା



ବାଇକ ଆରୋହୀ ପାଣିରେ ପଶି ଯିବା ପାଇଁ ଭୟ କରୁଛନ୍ତି, କେତେ ଗାଡ଼, ଟେକା ପଥର ପଡିଛି, ଭିତରେ ପଶିକି ଗଲେ ବାଇକ ପମ୍ପଚର ହେବା ସହ ବେଳେ ବେଳେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି ।ସାମାନ୍ୟ ବର୍ଷାରେ ରାସ୍ତାଟି ଜନସଧାରଣଙ୍କ ବାଧା ଉପୁଜେଥାଏ । ସରକାରଙ୍କର ଏହି ରାସ୍ତା ପ୍ରତି ଧ୍ୟାନ ଆକର୍ଷଣ କରି ରାସ୍ତା ମରାମତି ପାଇଁ ସର୍ବସାଧାରଣରେ ଦାବି ହେଉଛି ।

# ଭାରତର ଜିରୋ-ସୁଗାର ମାର୍କେଟ ଏଇମାତ୍ର ଥମସ ଅପ ଏକ୍ସଫୋର୍ସ ସହିତ ଏକ ନୂତନ ନେତୃତ୍ୱ ପାଇଛି

ଭୁବନେଶ୍ୱର : ଥମସ ଅପ ଏକ୍ସଫୋର୍ସ, ଯାହାକି ଭାରତର ଆଇକନିକ୍ ବିଲିୟନ-ଡ଼ଲାର ଘରୋଇ ବିକଶିତ ବ୍ରାଣ୍ଡ ଏହାର ସଦ୍ୟତମ ଉତେଜକ ବୃନ୍ଦା ଯାହାକି ଜିରୋ-ସୁଗାର ମୃଦୁପାନୀୟ ବିଭାଗରେ ସମସ୍ତଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଛି ଯୁବବର୍ଗର ଗ୍ରାହକ ମାନଙ୍କ ପାଇଁ ଏକ ସବୁଠାରୁ ଅଧିକ ଉତେଜକାରୀ ଅଭିଜ୍ଞତା ଆଣିବା ସହିତ ସେମାନଙ୍କର ବ୍ୟବହାର ପାଇଁ ପ୍ରଦାନ କରିଛି ଏକ ଜିରୋ-ସୁଗାର ମୃଦୁପାନୀୟ । ଏହାର ଅଫିସିଆଲ ଉନ୍ମୋଚନ ହେବା ପୂର୍ବରୁ ଏକ ଲକ୍ଷରୁ ଅଧିକ ପ୍ରି-ବୁକିଙ୍ଗର ରେକର୍ଡ଼ ହୋଇପାରିଛି । ଶୁଭାରମ୍ଭକୁ ଦୃଷ୍ଟିରେ ରଖି ଥମସ ଅପ ଏକ୍ସଫୋର୍ସ ଏକ ବିରାଟ ଆଶାର ସୃଷ୍ଟିକୁ ଦୃଷ୍ଟିରେ ରଖି ଏହାକୁ ଆଗେଇ ନେଉଅଛି । ମାର୍ଚ୍ଚ ମାସରେ ଏହାର ଡ଼େବ୍ୟୁଟ ହେବା ସହିତ ଏହା ରେକର୍ଡ଼ ସଂଖ୍ୟକ ଅଢ଼େଇ ମିଲିୟନ ୟୁନିଟ କେସର ବିକ୍ରୟ କରିସାରିଛି ଯାହାକି ଭାରତର ଡ୍ରାଇଟ୍ ଏବଂ ହାଲୁକା ମୃଦୁପାନୀୟ ବିଭାଗର ସବୁଠାରୁ ଉର୍ଦ୍ଧ୍ୱ ବିନ୍ଦୁରେ ରହିଛି । ୨ ଏପରିକି ଏହାର ୫୦ ବର୍ଷର ଶୁଭାରମ୍ଭ ହେବା ପରଠାରୁ ଥମସ ଅପ ନିରବଚ୍ଛିନ୍ନ ଭାବରେ ନବୀକରଣର ବିଭିନ୍ନ ଦିଗ ତଥା ମାର୍କେଟିଙ୍ଗର ସମସ୍ତ ରଣନୀତିକୁ ନେଇ ଏକ ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ଆଗକୁ ବଢ଼ି ଚାଲିଛି । ଥମସ ଅପ ଏକ୍ସଫୋର୍ସ ଠିକ୍ ସେହିଭଳି ସେହିମାନଙ୍କ ପାଇଁ ପ୍ରସ୍ତୁତ ହୋଇଛି ଯେଉଁମାନେ କି ନିଜର ନିଜସ୍ୱ ରଣକୌଶଳକୁ ଆପଣେଇ ପ୍ରକୃତ ସେନାପତି ଭାବରେ ଜି.ଓ.ଏ.ଟି ଭାବନାକୁ ନେଇ ସବୁବେଳେ ଆଗକୁ ବଢ଼ିବାର ଲକ୍ଷ୍ୟ ରଖିଛି । ଏକ ଅପ୍ରତିଦ୍ୱନ୍ଦ୍ୱି, କଠିନ ସ୍ୱାଦ ଏବଂ ଆଇକନିକ୍ ଥଣ୍ଡା ପଣର ସମସ୍ତ ଅନୁଭୂତିକୁ ନେଇ ଥମସ ଅପ ଏକ୍ସଫୋର୍ସ ବ୍ରାଣ୍ଡର ଏକ ସିଗନେଟୋରୀ ଆଭିମୁଖ୍ୟ "ଅଲ ଥଣ୍ଡର"କୁ ଏହାର ଗ୍ରାହକ ମାନଙ୍କୁ ପ୍ରଦାନ କରିଛି ଏକ ନୂଆ ଅଭିଜ୍ଞତା କୌଣସି ସର୍କରା ଏବଂ କ୍ୟାଲୋରୀ ବିହିନ ଏକ ଉତ୍ପାଦନ ସୃଷ୍ଟିକରି । ଏକ୍ସଫୋର୍ସ କେବଳ ଏହାର ବୋତଲ ମଧ୍ୟରେ ଥିବା ଜିନିଷକୁ ବୁଝାଏ ନାହିଁ । ଏକ ପତଳା, ଆଧୁନିକ ତଥା ତତ୍କ୍ଷଣାତ୍ ଅନୁମୋଦନ ପ୍ରାପ୍ତ ହେବାଭଳି ଏକ ଧାରୁଆ ଯୁବ ସୁଲଭ ଡ଼ିଜାଇନ ସହିତ ନିଜର ଏକ କଠିନ ମନ୍ତବ୍ୟ ସମସ୍ତଙ୍କ ଆଗରେ ଉପସ୍ଥାପିତ କରିପାରିଛି । ଏହାର ପ୍ୟାକେଜିଙ୍ଗ ଥମସ ଅପର ସାହସିକଭରା ବ୍ୟକ୍ତିତ୍ୱର ଜରୁରୀ ପଣକୁ ଧରି ରଖିବା ସହିତ ଥମସ ଏକ୍ସଫୋର୍ସକୁ "ଥଣ୍ଡର ଇନ ଏ କ୍ୟାନ"ଭାବରେ ଥମସ ଅପରେ ରହିଥିବା ଆତ୍ମବିଶ୍ୱାସକୁ ଏକ ଶକ୍ତିଶାଳୀ ପ୍ରତୀକ ଭାବରେ ଉପସ୍ଥାପିତ କରିପାରିଛି । ଅତି ସ୍ପଷ୍ଟ ଭାବରେ ଏହା ସେହିମାନଙ୍କୁ ଇଙ୍ଗିତ କରୁଛି ଯେଉଁମାନେ ଜୀବନକୁ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କରିବା ସହିତ କୌଣସି କ୍ଷେତ୍ରରେ ବୁଝାମଣା ପାଇଁ ଆଗେଇ ନଥାନ୍ତି କିମ୍ବା ସବୁବେଳେ ନିଜ ସ୍ତରକୁ ଉଚ୍ଚ ରଖିଥାନ୍ତି ।




# ରୟାଲ ଷ୍ଟାଗ ବ୍ୟାରେଲ ସିଲେକ୍ଟ ସର୍ଟସର ନୂଆ ଅଭିଯାନ




କଟକ ,(ପି.ଏନ): ଭାରତର ସର୍ବୋତମ କ୍ଷୁଦ୍ର ଚଳଚ୍ଚିତ୍ର କାହାଣୀ ପାଇଁ ସମୀକ୍ଷକ ଭାବରେ ପ୍ରଶଂସିତ ପ୍ଲାଟଫର୍ମ, ରୟାଲ୍ ଷ୍ଟାଗ୍ ବ୍ୟାରେଲ୍ ସିଲେକ୍ଟ ସର୍ଟସ୍ ଏହାର ନୂତନ ବିଷୟବସ୍ତୁ ଅଭିଯାନ, ଫର୍ ଦି ସିଲେକ୍ଟ ଓ୍ୱାନ୍ସକୁ ଶୁଭାରମ୍ଭ କରିଛି । ଯେଉଁଥିରେ ପ୍ରସିଦ୍ଧ କଳାକାର ରାଜକୁମାର ରାଓ ଏବଂ ପତ୍ରଲେଖା ସାମିଲ୍ ହୋଇଛନ୍ତି । ଏଫସିବି ନିଓ ଦ୍ୱାରା ସଂକଳ୍ପିତ, ଏହି ଅଭିଯାନ ସେମାନଙ୍କ ପାଇଁ ଏକ ଶ୍ରଦ୍ଧାଳି ଯେଉଁମାନେ ସଫଳତାର ଯାତ୍ରାରେ ନିର'ର ପ୍ରଗତିକୁ ପସନ୍ଦ କରନ୍ତି - ସେମାନଙ୍କର ମୂଲ୍ୟବୋଧ ଏବଂ ଆକାଂକ୍ଷା ପ୍ରତି ସତ୍ୟ ରହିବା ସହିତ ଜ୍ଞାନ ପାଇଁ ସର୍ବଦା ଆଗ୍ରହ ରଖିଥାଁ । ବର୍ଷ ବର୍ଷ ଧରି ଏହି ପ୍ଲାଟଫର୍ମ ଭାରତର ସବୁଠାରୁ ପ୍ରସିଦ୍ଧ କଳାକାର ଏବଂ ଚଳଚ୍ଚିତ୍ର ନିର୍ମାତା-ସୁଜୋୟ ଘୋଷ, ଅନୁରାଗ କଶ୍ୟପ, ନୀରଜ ଘାୟୱାନ, ଦିବାକର ବାନାର୍ଜୀ ଏବଂ ତିଗମାଂଶୁ ଧୂଳିଆଙ୍କ ସହିତ ସହଯୋଗ କରିଛି । ପ୍ରତ୍ୟେକେ ଏକ ପରିଷ୍କୃତ କଳାତ୍ମକ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଥିବା ଭିନ୍ନ, ଚି'ାପ୍ରବଣ କାହାଣୀରେ ଯୋଗଦାନ କରୁଛନ୍ତି । ରାଜକୁମାର ରାଓ ଏବଂ ପତ୍ରଲେଖା - ଉଭୟ ସେମାନଙ୍କର ଭିନ୍ନ ପସନ୍ଦ ଏବଂ ଆକର୍ଷଣୀୟ ପ୍ରଦର୍ଶନ ପାଇଁ ଜଣାଶୁଣା । ଏମାନଙ୍କୁ ଏକାଠି କରି ଏହି ଅଭିଯାନ ବ୍ରାଣ୍ଡର ଦର୍ଶକଙ୍କ ସହିତ ଆବେଗିକ ସମ୍ପର୍କକୁ ଆହୁରି ଗଭୀର କରିଛି । ଅଭିଯାନ ବିଷୟରେ ସୂଚନା ପ୍ରଦାନ କରି ପର୍ନୋଡ ରିକାର୍ଡ ଇଣ୍ଡିଆର ମୁଖ୍ୟ ମାର୍କେଟିଂ ଅଧିକାରୀ କାର୍ତିକ ମୋହିନ୍ଦ୍ରା କହିଛନ୍ତି ଯେ, 'ରୟାଲ ଷ୍ଟାଗ ବ୍ୟାରେଲ ସିଲେକ୍ଟ ସର୍ଟସ୍ ଏକ ଇକୋସିଷ୍ଟମ୍ ସୃଷ୍ଟି କରିବାରେ ବିକଶିତ ହୋଇଛି ଯାହା ଜିଜ୍ଞାସୁ ଏବଂ ବିଚକ୍ଷଣ ଦର୍ଶକଙ୍କ ପାଇଁ ବିଶ୍ୱସ୍ତରୀୟ କାହାଣୀ ଆଣିଥାଏ, ଏହିପରି ଭାରତରେ କ୍ଷୁଦ୍ର ଚଳଚ୍ଚିତ୍ର ପାଇଁ ଗ'ବ୍ୟସ୍ଥଳ ପାଲଟିଛି । ଆମର ନୂତନ ଅଭିଯାନ, 'ଫର୍ ଦି ସିଲେକ୍ଟ ଓ୍ୱାନ୍ସ' ସହିତ, ଆମେ ଆମର ବ୍ରାଣ୍ଡର ଚୟନିତ କାହାଣୀ କହିବା ଯାତ୍ରାର ଏହି ପରବର୍ତୀ ଅଧ୍ୟାୟକୁ ଜାରି ରଖିଛୁ ଯେଉଁମାନେ ସେମାନଙ୍କର ସ୍ୱତନ୍ତ୍ର ପସନ୍ଦ ମାଧ୍ୟମରେ ସଫଳତାକୁ ମୂର୍ତିମନ୍ତ କରନ୍ତି ।' 'ଏହି ଫିଲ୍ମଟି ଉତ୍କୃଷ୍ଟ ଭାବରେ ବାଛିବାର କଳା ପ୍ରତି ଏକ ନୀରବ ଶ୍ରଦ୍ଧାଳି ।' ବୋଲି ଏଫସିବି ନିଓର ସିସିଓ ମୟୂରେଶ ଦୁଭାଶୀ ପ୍ରକାଶ କରିଛନ୍ତି । ସେହିଭଳି ରାଜକୁମାର ରାଓ ତାଙ୍କ ଚିନ୍ତାଧାରା ବାଂଟି କହିଛନ୍ତି, ମୁଁ ରୟାଲ ଷ୍ଟାଗ୍ ବ୍ୟାରେଲ ସିଲେକ୍ଟ ସର୍ଟସର ଅଭିଯାନର ଅଂଶ ହୋଇଥିବାରୁ ଗର୍ବିତ ଯାହା ବିବେଚନାମୂଳକ ପସନ୍ଦର ଶକ୍ତିକୁ ପାଳନ କରେ ।' ନିଜ ଦୃଷ୍ଟିକୋଣ ପ୍ରକାଶ କରି ପତ୍ରଲେଖା କହିଛନ୍ତି, 'ମୁଁ ରୟାଲ ଷ୍ଟାଗ୍ ବ୍ୟାରେଲ ସିଲେକ୍ଟ ସର୍ଟସର କ୍ଷୁଦ୍ର ଚଳଚ୍ଚିତ୍ରଗୁଡ଼ିକୁ ସେମାନଙ୍କର ଗଭୀରତା, କାରିଗରୀ ଏବଂ କାହାଣୀ କହିବା ପାଇଁ ଦୀର୍ଘ ସମୟ ଧରି ପ୍ରଶଂସା କରିଆସିଛି । ବିବେଚନା ଏବଂ ଉତ୍କର୍ଷତାକୁ ଚାମ୍ପିଅନ କରୁଥିବା ଏକ ବ୍ରାଣ୍ଡ ସହିତ ସହଯୋଗ କରି ମୁଁ ସମ୍ମାନିତ ଅନୁଭବ କରୁଛି ।'

# ବେଦାନ୍ତ ଲାଞ୍ଜିଗଡ଼ରେ ସ୍କ୍ରାପ କଳାକୃତି ପ୍ରତିଯୋଗିତା

ଭୁବନେଶ୍ୱର(ପି.ଏନ): ଭାରତର ଅଗ୍ରଣୀ ସ୍ମେଲ୍ଟର-ଗ୍ରେଡ୍ ଆଲୁମିନା ଉତ୍ପାଦକ ତଥା ବେଦାନ୍ତ ଆଲୁମିନିୟମର ଏକ ଅଂଶ ବେଦାନ୍ତ ଲାଞ୍ଜିଗଡରେ ସ୍କ୍ରାପ୍ ଆର୍ଟ ଚମତ୍କାରକ ପ୍ରତିଯୋଗିତା । ଶିଳ୍ପସଂସ୍ଥାରୁ ବାହାରୁଥିବା ସ୍କ୍ରାପକୁ ଆକର୍ଷଣୀୟ କଳାକୃତୀରେ ପରିଣତ କରିବା ଲକ୍ଷ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ନବସୃଜନ, ସ୍ଥିରତା ଓ ଦଳଗତ କାର୍ଯ୍ୟକୁ ଆଧାର କରି କର୍ମଚାରୀ ଓ ବ୍ୟବସାୟିକ ଅଂଶୀଦାରଙ୍କୁ ନେଇ ଆୟୋଜିତ ଏହି ପ୍ରତିଯୋଗିତାରେ ପ୍ରତ୍ୟେକ ବିଭାଗୀୟ ମୁଖ୍ୟଙ୍କ ନେତୃତ୍ୱରେ ସେମାନଙ୍କ ଟିମ୍ ଉତ୍ସାହୀ ପ୍ରଦର୍ଶନ କରିଥିଲେ । କର୍ମସ୍ଥଳକୁ ଉନ୍ନତ କରିବା ପାଇଁ ଦଳଗୁଡ଼ିକ ଦୈନନ୍ଦିନ ଶିଳ୍ପ ବର୍ଜ୍ୟକୁ ଆକର୍ଷଣୀୟ କଳାକୃତିରେ ପରିଣତ କରିଥିଲେ ।ବେଦାନ୍ତ ଆଲୁମିନା ବ୍ୟବସାୟ, ଲାଞ୍ଜିଗଡ଼ ସିଇଓ, ପ୍ରଣବ ଭଟ୍ଟାଚାର୍ଯ୍ୟ କହିଥିଲେ, ବେଦାନ୍ତରେ, ଆମେ ବିଶ୍ୱାସ କରୁ ପ୍ରକୃତ ନବସୃଜନ ସେତେବେଳେ ସଫଳ ହୁଏ ଯେତେବେଳେ ଆମ ଲୋକେ ଭିନ୍ନ ଭାବରେ ଚିନ୍ତା କରିବାକୁ ସଶକ୍ତ ହୁଅନ୍ତି । ଏହି ପଦକ୍ଷେପ କେବଳ ଆମର ଦଳଗୁଡ଼ିକୁ ଏକାଠି କରିନାହିଁ ବରଂ କଳ୍ପନାଶୀଳ ସମସ୍ୟାର ସମାଧାନ ଓ ସ୍ଥାୟୀ ଚିନ୍ତାଧାରାର ଏକ ସଂସ୍କୃତିକୁ ମଧ୍ୟ ଉଦ୍‌ରେକ କରିଛି । ଆମେ ଏକ କର୍ମକ୍ଷେତ୍ରକୁ ପୋଷଣ କରିବାରେ ଗର୍ବିତ, ଯେଉଁଠାରେ ସୃଜନଶୀଳତା ପାଳନ କରାଯାଏ ଓ ପ୍ରତ୍ୟେକ ବ୍ୟକ୍ତି ଅନନ୍ୟ, ପ୍ରଭାବଶାଳୀ ଉପାୟରେ ଯୋଗଦାନ ଦେବାର ସାଧୀନତା ପାଇଥାଏ ।କଳା ପ୍ରତିଯୋଗିତା ବ୍ୟତିରକେ ଏହି କାର୍ଯ୍ୟକ୍ରମ ଆନ୍ତଃ ବିଭାଗୀୟ ସହଯୋଗକୁ ସୁଦୃଢ଼ କରିବା ଓ ବର୍ଜ୍ୟରୁ ସମ୍ପଦ ଅଭ୍ୟାସକୁ ନେଇ ଅର୍ଥପୂର୍ଣ୍ଣ ବାର୍ତାଳାପକୁ ପ୍ରୋତ୍ସାହିତ କରିବା ପାଇଁ ଏକ ମଜଭୁତ ମଂଚ ଭାବେ କାର୍ଯ୍ୟ କରିଥିଲା ।


## Affidavit

By virtue of an affidavit sworn before the Executive Magistrate Paralakhemundi, Gajapati Dated 17.05.2025. I, Sesapu Iswari, D/O. Sesapu Apparao, aged about 35 years, village Onarada, PO-R. Sitapur, PS-Paralakhemundi, Dist- Gajapati, Odisha do hereby solemnly affirm and state on oath as follows;

1. I swear and state that, I have purchased landed property under Regd. Document, vide Document No.966/dt.22.04.2008, in the said document my name has been mentioned as Sesapu Simhachalam instead of Sesapu Iswari, vide Khata No.21, Plot No.806/9000, to an extent of Ac.36 cents and Khata No.21, Plot No.819, to an extent of Ac. 0.16 cents under MouzaTulasipadu. That, in my Aadhaar Card, my name has been mentioned as Sesapu Iswari and in my Vote Card, my name is mentioned as Sesapu Iswari and in my new ROR., my name name is mentioned as SesapuSimanchala. That, the Sesapu Iswari and Sesapu Simanchala is one and same, indicates to me only, hence this affidavit. For all purposes, Iswari will be prevailed.

Sesapu Iswari


# ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ୧୧ ଜିଲ୍ଲାରେ ହଇଜା ବ୍ୟାପିଥିବା ବେଳେ ରାଜ୍ୟ ସରକାରଙ୍କ ବର୍ଷପୂର୍ତି ଉତ୍ସବ ପାଳନକୁ କଂଗ୍ରେସର ସମାଲୋଚନା

ଭୁବନେଶ୍ୱର,(ପି.ଏନ): ନାରୀ ସୁରକ୍ଷାରେ ରାଜ୍ୟ ସରକାର ବିଫଳ । ୧୧ଟା ଜିଲ୍ଲାରେ ବ୍ୟାପିଛି ମହଇଜା । ବେଫିକର ରାଜ୍ୟ ସରକାର ମାତିଛନ୍ତି ବର୍ଷପୂର୍ତି ପାଳନରେ । ୨୦୩୬ କଥା କହି ବିଜେପି ସରକାର ବର୍ତମାନ ଲୋକଙ୍କୁ ସୁଶାସନ ଦେବାରେ ବିଫଳ ହୋଇଛି । ପ୍ରତିବାଦରେ ପିସିସି ସଭାପତିଙ୍କ ନେତୃତ୍ୱରେ କଂଗ୍ରେସ ନେତା କରିଛନ୍ତି ଅନଶନ । ବିଜେପି ଉତ୍ସବରେ ନମାତି ଲୋକଙ୍କ ପାଖକୁ ଯାଇ ସମସ୍ୟା ବୁଝୁ ବୋଲି ପ୍ରସ୍ତାବ ଦେଇଛି କଂଗ୍ରେସ । ଗୋପାଳପୁରରେ ମହିଳାଙ୍କୁ ଗଣଦୁଷ୍କର୍ମ । ବାରିପଦାରେ ମହିଳାଙ୍କୁ ଘରୁ ଟେକି ନେଇ ଗଣଦୁର୍ଷମ । କେନ୍ଦୁଝରରେ ମହିଳାଙ୍କୁ ଦୁର୍ଷମ ପରେ ହତ୍ୟା । ବର୍ଷ ? ଭିତରେ ଓଡିଶାରେ ପ୍ରତ୍ୟେକ ଦିନ ୧୫ଟି ଗଣଦୁର୍ଷମ ହେଉଥିବା ଅଭିଯୋଗ । ପର୍ଯ୍ୟଟନ ସ୍ଥଳୀଠାରୁ ଆରମ୍ଭ କରି ଘର ଭିତର, କେଉଁଠି ବି ସୁରକ୍ଷିତ ନୁହନ୍ତି ମହିଳା । ବିଜେପି ସରକାର ଆସିବା ଦିନଠାରୁ ନାରୀ ନିର୍ଯାତନା, ଦୁଷ୍କର୍ମ ଓ ହତ୍ୟା ମହାମାରୀରେ ପରିଣତ ହୋଇଛି । ଡବଲ ଇଂଜିନ ସରକାର ବିଶୁଦ୍ଧ ପାନୀୟ ଜଳ ଯୋଗାଇବାରେ ବି ବିଫଳ ହୋଇଛି । ୧୧ଟି ଜିଲ୍ଲାରେ ହଇଜା ବ୍ୟାପିଛି । ଗଲାଣି ୨୫ ଜୀବନ । ଲୋକଙ୍କ ସରକାରର କିନ୍ତୁ ଏସବୁ ପ୍ରତି ଖାତିର ନାହିଁ । ମାତିଛି ବର୍ଷପୂର୍ତି ଉତ୍ସବରେ । ନାରୀ ନିର୍ଯାତନା ଓ ହଇଜାକୁ ମୁଖ୍ୟ ପ୍ରସଙ୍ଗ କରି ବିଜେପି ସରକାରକୁ ଘେରିଛି କଂଗ୍ରେସ । ବିଜେପିର ବର୍ଷପୂର୍ତି ବିରୋଧରେ ପିସିସି ସଭାପତିଙ୍କ ନେତୃତ୍ୱରେ ଅନଶନ ଆନ୍‌ଦୋଳନ କରିଛି ଦଳ । ତୁରନ୍ତ ବିଜେପି ସରକାର ଉତ୍ସବ ଛାଡି ଲୋକଙ୍କ ସମସ୍ୟା ଦୂର କରିବାକୁ ଦଳ ଦେଇଛି ପ୍ରସ୍ତାବ ।ଡବଲ ଇଂଜିନ ସରକାରରେ ଓଡିଶା ପାଇଛି କ'ଣ ତାହାକୁ ନେଇ ମୁହାଁମହିଁ ହୋଇଛନ୍ତି ବିଜେପି ଓ କଂଗ୍ରେସ । ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, କେନ୍ଦ୍ର ସରକାର ଆନ୍ଧ୍ର ଓ ବିହାରକୁ ସ୍ୱତନ୍ତ୍ର ଅନୁଦାନ ଦେଉଥିବା ବେଳେ ଓଡିଶାକୁ କ'ଣ ଦେଇଛନ୍ତି ତାହାର ହିସାବ ବିଜେପି ସରକାର ଦେଉ । ବର୍ଷକ ଭିତରେ ବିଜେପି ସରକାର କେବଳ ଓଡିଶାବାସୀଙ୍କୁ ପ୍ରତାରଣା ଦେଇଛି । ବିଜେପି ବିଧାୟକ ସରୋଜ ପାଢୀ କହିଛନ୍ତି, ବିଜେପି ସରକାର ସମୟରେ ଓଡିଶା ଅଧିକ ଅନୁଦାନ ପାଇଛି ।

# ଉତର ଓଡ଼ିଶାରେ ବନ୍ୟା ପରିସ୍ଥିତି: ସୁନ୍ଦରଗଡ଼, ମୟୂରଭଞ୍ଜ ଓ ବାଲେଶ୍ୱରର ଅନେକ ଗାଁ ଜଳବନ୍ଦୀ

ଭୁବନେଶ୍ୱର(ପି.ଏନ): ଉତର ଓଡ଼ିଶାର ପ୍ରମୁଖ ନଦୀରେ ଜଳସ୍ତର ବଢୁଛି । ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ଇବ୍ ନଦୀ ଫୁଲୁଛନ୍ତି । ଉପରମୁଣ୍ଡରେ ପ୍ରବଳ ବର୍ଷା ପରେ ଏହି ସବୁ ନଦୀ କୂଳ ଲଙ୍ଘିବାରେ ଲାଗିଛନ୍ତି । ସୁନ୍ଦରଗଡ଼, ମୟୂରଭଞ୍ଜ, ବାଲେଶ୍ୱର ଜିଲ୍ଲାରେ ଦେଖାଦେଇଛି ବନ୍ୟା ସ୍ଥିତି । ତଳିଆ ଅ*ଳରେ ପାଣି ପ୍ରବେଶ କରିଥିବାରୁ ଲୋକେ ଚିନ୍ତାରେ ପଡ଼ିଲେଣି । ଲଘୁଚାପ ବର୍ଷା ଓ ଝାଡ଼ଖଣ୍ଡର ଚାଣ୍ଡିଲ ଡ୍ୟାମର ଗେଟ୍ ଖୋଲିବାରୁ ସୁବର୍ଣ୍ଣରେଖାର ଜଳସ୍ତର ବଢିଛି । ଗଲୁଡିହି ବ୍ୟାରେଜରୁ ଛଡ଼ା ଯାଇଛି ୨ ଲକ୍ଷ ୪୨ ହଜାର କ୍ୟୁସେକ ପାଣି । ସୁବର୍ଣ୍ଣରେଖାର ପାଣିରେ ଜଳବନ୍ଦୀ ମୟୂରଭଞ୍ଜ ଜିଲ୍ଲାର ସାରସକଣା ବ୍ଲକର ଅନେକ ଗାଁ । ଏହା ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ । ନଦୀର ଜଳସ୍ତର ବଢ଼ିବା ପରେ ପ୍ରାୟ ହଜାରେ ଲୋକଙ୍କୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତର କରାଯାଇଛି । ମୟୂରଭଞ୍ଜ ଜିଲ୍ଲାପାଳ ଓ ଏସପି ସ୍ଥିତି ସମୀକ୍ଷା କରିଛନ୍ତି । ସାରସକଣା ବିଡିଓ ଏବଂ ଏଡିଏମ୍ ମଧ୍ୟ ସ୍ଥିତିର ତଦାରଖ କରିଛନ୍ତି । ସମ୍ଭାବ୍ୟ ବନ୍ୟାର ମୁକାବିଲା ପାଇଁ ଏନଡିଆରଏଫ୍, ଓଡ୍ରାଫ ଓ ଅଗ୍ନିଶମ ବାହିନୀ ମୁତୟନ ହୋଇଛନ୍ତି । ସ୍ଥାନ୍ତାର ହୋଇଥିବା ଲୋକଙ୍କୁ ଖାଦ୍ୟ ପ୍ରଦାନ କରାଯାଇଛି ।ବାଲେଶ୍ୱର ରାଜଘାଟରେ ବିପଦ ସଂକେତ ଟପିଛି ସୁବର୍ଣ୍ଣରେଖା । ଏଠାରେ ବିପଦ ସଂକେତ ୧୦.୩୬ ମିଟର ରହିଥିବା ବେଳେ ସୁବର୍ଣ୍ଣରେଖାର ଜଳସ୍ତର ରହିଛି ୧୦.୪୩ ମିଟର । ରାଜଘାଟରେ ପହ* ସ୍ଥିତି ଅନୁଧ୍ୟାନ କରିଛନ୍ତି ଜିଲ୍ଲାପାଳ, ଏସପି ଓ ଅନ୍ୟ ଅଧିକାରୀ । ସୁବର୍ଣ୍ଣରେଖାରେ ବନ୍ୟା ପାଣି ଆସିବାରୁ ଦହମୁଣ୍ଡା ନିକଟରେ ଅନେକ ମାଙ୍କଡ଼ ଫସି ରହିଥିଲେ ।


## Affidavit

By virtue of an affidavit sworn before the Executive Magistrate Paralakhemundi, GajapatiDated 17.05.2025 . I, Sesapu Iswari, D/O. Sesapu Apparao, aged about 35 years, village Onarada, PO-R. Sitapur, PS-Paralakhemundi, Dist- Gajapati, Odisha do hereby solemnly affirm and state on oath as follows;

1. I swear and state that, I have purchased landed property under Regd. Document, vide Document No.966 dt.22.04.2008, in the said document my name has been mentioned as Sesapu Simhachalam instead of Sesapu Iswari, vide Khata No.37/1, Plot No.806, extent Ac.1.287 and Plot No.816, Ac. 0.080 in Tulasipadu Mouza. That, in my Aadhaar Card, my name has been mentioned as Sesapu Iswari and in my Vote Card, my name is mentioned as Sesapu Iswari and in my new ROR., my name name is mentioned as Sesapu Simanchala. That, the Sesapu Iswari and Sesapu Simanchala is one and same, indicates to me only, hence this affidavit. For all purposes, Iswari will be prevailed.

Sesapu Iswari





2025-2026

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

Bhubaneswar Saturday June 21 ଭୁବନେଶ୍ୱର ଶନିବାର, ୨୧, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ନୟାଗଡ ଜିଲ୍ଲା କଂଗ୍ରେସ ପକ୍ଷରୁ ବୃଦ୍ଧାଶ୍ରମରେ ରାହୁଲ ଗାନ୍ଧୀଙ୍କ ୫୫ତମ ଜନ୍ମ ଦିନ ପାଳିତ



ରଣପୁର,(ପି.ଏନ):ରଣପୁର ବ୍ଲକ ମହତପଲା ପଂଚାୟତ ସ୍ଥିତ ଲକ୍ଷ୍ମୀନାରାୟଣ ପୁର ଅନାଥ ବୃଦ୍ଧାଶ୍ରମ ରେ ନୟାଗଡ ଜିଲ୍ଲା କଂଗ୍ରେସ କମିଟିର ତରଫରୁ ଭାରତ ର ଯୁବ ମାନସ ର ପ୍ରତୀକ, ଜନନାୟକ ଲୋକସଭା ର ବିରୋଧୀ ଦଳନେତା ରାହୁଲ୍ ଗାନ୍ଧୀ ଙ୍କ ଦୀର୍ଘାୟୁ କାମରେ କରି ନୟାଗଡ ଜିଲ୍ଲା କଂଗ୍ରେସ ସଂଯୋଜକ ସତ୍ୟବ୍ରତ ନାୟକ ଙ୍କ ନେତୃତ୍ୱରେ ରାହୁଲ ଗାନ୍ଧୀଙ୍କ ୫୫ତମ ଜନ୍ମ ଦିନ ଓ ସେବାକାର୍ଯ୍ୟ ବୃଦ୍ଧାଶ୍ରମ ରେ ପାଳିତ ହୋଇଥିଲା କ୍ଷ ଆଶ୍ରମ ର ଅନ୍ତେବାଶି ମାନଙ୍କ ସହ ଜନ୍ମଦିନର କେକ କାଟି ରାହୁଲ ଗାନ୍ଧୀଙ୍କ ଦୀର୍ଘଜୀବନ କାମନା କରି ଅନ୍ତେବାଶି ସହ ଖୁସି ମନେଇ ଥିଲେ କ୍ଷଏହି କାର୍ଯ୍ୟ କ୍ରମରେ ରଣପୁର ଓକିଲ ସଂଘ ର ସାଧାରଣ ସମ୍ପାଦକ ସତ୍ୟ ରଞ୍ଜନ,ବାଳକୃଷ୍ଣ ଷଡ଼ଙ୍ଗୀ,ମିର ଆବୁବାକର ସିଦିକି, ଯୁବ କଂଗ୍ରେସ ନେତା ପ୍ରକାଶ ନାୟକ, , ସଞ୍ଜୟ ମହାନ୍ତି, ଦିତିକୃଷ୍ଣ ସାମନ୍ତରାୟ, ପ୍ରଭୃତି କଂଗ୍ରେସ ନେତୃବୃନ୍ଦ ଏକତ୍ରିତ ହୋଇ ଆଶ୍ରମ ରେ ଜନ୍ମଦିନ କେକ୍ କାଟିବା ସହିତ ଖାଦ୍ୟ ପୁଡିଆ ବଣ୍ଟନ କରିଥିଲେ । ରାମଚନ୍ଦ୍ର ପୁର ଶାସନ ରେ ଥିବା ଶିବ ମନ୍ଦିର ବାବା ରାମେଶ୍ୱର ଶୈବ ପୀଠ ରେ ଜଳଲାଗି କରି ପ୍ରଦୀପପ୍ରଜ୍ଜଳନ କରିଥିଲେ । ଆଶ୍ରମରେ ସମସ୍ତ କର୍ମକର୍ତା ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଶ୍ରମର ଟ୍ରଷ୍ଟି ପ୍ରସନ୍ନ ବାରିକ କଂଗ୍ରେସ କମିଟି କୁ ପ୍ରଶଂସା କରିଛନ୍ତି ।

# ମୋହନ ସରକାରଙ୍କ ଏକ ବର୍ଷ ସଂପୂର୍ଣ୍ଣରେ ଦେଇଥିବା ପ୍ରତିଶୃତି ଆଜି ପ୍ରତାରଣା ପାଲଟିଛି



ପାରଳାଖେମୁଣ୍ଡି (ନିପ୍ର) ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆଜି ମୋହନା ବିଧାୟକ ତଥା ଗଜପତି ଜିଲ୍ଲା କଂଗ୍ରେସ ସଭାପତି ଦାଶରଥି ଗମାଙ୍ଗ ଙ୍କ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଯେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚ଼ରଣ ଦାସ ଙ୍କ ନିର୍ଦ୍ଦେଶ ଅନୁଯାୟୀ ବର୍ତ୍ତମାନ ଓଡିଶାରେ ଭାଜପା ସରକାର ଡବଲ ଇଞ୍ଜିନ ସରକାର ନିର୍ବାଚ଼ନ ପୂର୍ବରୁ ଲୋକଙ୍କୁ ମିଛ ଭାଷଣରେ ପ୍ରତିଶୃତି ଦେଇ ଥିଲେ। କିନ୍ତୁ ସେ ମଧ୍ୟରୁ ଗୋଟିଏ ଜିନିଷର କାର୍ଯ୍ୟକାରି କରି ପାରିଲେନି। ଆଜିକୁ ଏକ ବର୍ଷ ବିତିଗଲା ଓଡ଼ିଶା ରେ ମୋହନ ସରକାର ସବୁ ପ୍ରତିଶୃତି ପ୍ରତାରଣା ପାଲଟିଛି ଥିବା ବିଶୃତ ଭାବେ ବଖାଣି ଛନ୍ତି ବିଧାୟକ ଦାସରଥି ଗମାଙ୍ଗ ।ପ୍ରତିଶୃତି ଦେଇ ଥିଲେ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁନ,୧୮ମାସ ମଧ୍ୟରେ ଚ଼ିଠ ଫଣ୍ଡ ପାଇସା ଫେରସ୍ତ,ଧାନ ଜଟଣୀ -ଛଟଣି ସମସ୍ତ ବ୍ୟବସ୍ଥା ମଣ୍ଡି ଇଲେକ୍ଟ୍ରିକାଲ ଭାବେ ଧାନ କିଣିବାକୁ, ସୁଭଦ୍ରା ଯୋଜନା ରେ ସମସ୍ତ ମହିଳାଙ୍କୁ ୫୦ହଜାର ଦେବାପାଇଁ, ଭାରତ ର ସମସ୍ତ ମେଟ୍ର ସହରକୁ ସମୁଦାୟ ଭବନ ପ୍ରତିଷ୍ଠା କରିବୁ, ପ୍ରତ୍ୟେକ ମତ୍ସ୍ୟଜୀବୀ ଙ୍କୁ ଉତ୍ପାଦନ ସମୟରେ ୧୦ହଜାର ଟଙ୍କା ଦିଆଜିବ,ଆମ ଓଡ଼ିଶା ର ଆଇନ, ମେଡିକାଲ, ଇଞ୍ଜିନିୟରିଂ ପାଠ୍ୟକ୍ରମର ପ୍ରଚ଼ଳନ କରିବୁ, ସରକାର ଆସିବା ମାତ୍ରେ ଶ୍ରୀ ଜଗନ୍ନାଥ ଙ୍କ ରତ୍ନ ଭଣ୍ଡାର ଖଲି ଗଣତି କରିବୁ, ବୁଣାକାର ଓ ବୟନଶିଳ୍ପ ପ୍ରଛନ୍ନ କରିବା ପାଇଁ ୩ଟି ଇଣ୍ଟିଗ୍ରେଡ଼ଡ ପାର୍କ ସ୍ଥାପନ କରି ୫୧ହଜାର ବ୍ୟକ୍ତି ଙ୍କ ଠାରୁ ଅଧିକ ଚ଼ାକିରି ଦେବୁ, ବୁଣାକାର ଓ ହସ୍ତଶିଳ୍ପ ମାନଙ୍କୁ ସମାଜରେ ବିଧି ଆରମ୍ଭ କରି ୪୦-୬୦ ବର୍ଷ ମଧ୍ୟରେ ସମସ୍ତ ହିତାଧିକାରୀ ଙ୍କୁ୬୦ବର୍ଷ ରୁ ଅଧିକ ହିତାଧିକାରୀ ଙ୍କୁ ୩୫୦୦ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବୁ, ବର୍ଷ ରେ ୮ଲକ୍ଷ ରୁ କମ୍ ରୋଜଗାର କରୁଥିବାର ପ୍ରତି ନାଗରିକ ଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ରେ ସାମିଲ କରିବୁ, ପ୍ରତ୍ୟେକ ବୟସ୍କ,ଦିବ୍ୟାଙ୍ଗ, ବିଧବାଙ୍କୁ ମାସିକ ୩ହଜାର ଟଙ୍କା ସହାୟତା ପ୍ରଦାନ, ପ୍ରତ୍ୟେକ ଜିଲ୍ଲା ରେ ନୃସିଂଙ୍ଗ କଲେଜ, ମେଡିକାଲ କଲେଜ ଏବଂ ସୁପର ସସାଇଟି ହସ୍ପିଟାଲ୍ ପ୍ରତିଷ୍ଠା କରିବୁ, ପ୍ରତ୍ୟେକ ପରିବାରକୁ ୩୦୦ୟୁନିଟ ବିଜୁଳି ଫ୍ରି,୩୦୦୦କୋଟି ଟଙ୍କା ର କୃଷି ସଂରକ୍ଷଣ,୫୦୦କୋଟି ଟଙ୍କା ର କର୍ପସ ଫାଣ୍ଡି, ସମ୍ବଲପୁର ରେ କୃଷୀ ବିଦ୍ୟାଳୟ,ଆମ ସରକାର ନବମ ରୁ ଦ୍ୱାଦଶ ପାଠ ପଢିଥିବା ସମସ୍ତ ଛାତ୍ରଛାତ୍ରୀ ଙ୍କୁ ମାଗଣା ଟେବଲେଟ ପ୍ରଦାନ, ଉଦ୍ୟମ କ୍ରାନ୍ତି ଯୋଜନା ରାଜ୍ୟର ଯୁବ ବର୍ଗଙ୍କୁ ବିନା ସୁଧରେ ୫୦ପ୍ରତିଷଧ ସବସିଡି ଏବଂ ୧୦ଲକ୍ଷ ପର୍ଯ୍ୟନ୍ତ ଋଣ ପ୍ରଦାନ, ସରକାର କଲେଜର ପଢୁଥିବା ଝିଅ ମାନଙ୍କୁ ଦୁଇ ଚ଼କିଆ ଜାନ ସବସିଡି ରେ ପ୍ରଦାନ କରିବେ, ଅଙ୍ଗନବାଡ଼ି କର୍ମୀ ଙ୍କୁ ମାସିକ ୧୨ହଜାର ଓ ଆଶା କର୍ମୀମାନଙ୍କୁ ମାସିକ ୮ହଜାର କରିବା, ଆଶା କର୍ମୀମାନଙ୍କୁ ସ୍ଥାନିୟ ସ୍ୱାସ୍ଥ୍ୟ ମିଶନ ରେ ସ୍ଥାୟୀ ନିଯୁକ୍ତି କରିବୁ, ସରକାର ଆସିବା ଏକ ବର୍ଷ ମଧ୍ୟରେ ପେସା ନିୟମକୁ କାର୍ଯ୍ୟକାରୀ କରିବଡ଼, ଭାଜପା ସରକାର ଡବଲ ଇଞ୍ଜିନ ସରକାର ନିର୍ବାଚ଼ନ ପୂର୍ବରୁ ଦେଇଥିବା ପ୍ରତିଶୃତି ଆଜି ପ୍ରତାରଣା ପାଲଟିଛି, ସମସ୍ତ ବିଷୟରେ ଫେଲ ମାରିଛି, ଏହି ସରକାର ଲୋକଙ୍କୁ ମିଛ ଭାଷଣରେ ଠକିବା ଯୋଗୁଁ କଂଗ୍ରେସ ବିଷୟରେ ବିରୋଧ କରି ଆଜି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ରେ ନଗର କଂଗ୍ରେସ ସଭାପତି, ବସନ୍ତ କୁମାର ପଣ୍ଡା, ପୂର୍ବତନ ଉପାଧ୍ୟକ୍ଷ, ପାରଳାଖେମୁଣ୍ଡି ପୌରପରିଷଦ ର, ଅଭିମନ୍ୟୁ ପଣ୍ଡା, ସଂଜୟ ଅଧିକାରୀ,ଯୁବ ନେତା ସୋନ୍ତସ ପଣ୍ଡା, ସରୋଜ ମିଶ୍ର,ପୂର୍ବତନ ଯୁବ ସଭାପତି ସଂଗ୍ରାମ ସାହୁ, ମହିଳା କଂଗ୍ରେସ ଜସ୍ମିନ ସେକ୍, କୁନା ମାଝୀ,ବୀଷ୍ଣୁ ପାଢ଼ୀ,ଲବ ସାହୁ,ବାବୁଲି ସାହୁ,ଯୁବ ଛାତ୍ର ସଂଗଠନ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର କାର୍ଯ୍ୟକ୍ରମ କୁ ଜିଲ୍ଲା କଂଗ୍ରେସ ସଭାପତି ତଥା ମୋହନା ବିଧାୟକ ଦିସରଥି ଗମାଙ୍ଗ ଙ୍କ ଦ୍ୱାରା ପରିଚ଼ାଳିତ ହୋଇଥିଲା।

# ଜିଲ୍ଲା ପରେ ଜିଲ୍ଲା ବ୍ୟାପିବାରେ ଲାଗିଛି ହଇଜା, ନିରାକରଣର ବାଟ ପାଉନି ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର,(ପି.ଏନ): ମୁଣ୍ଡ ନେଇ ଚ଼ାଲିଛି ଝାଡାବାନ୍ତି । ଆଜି ମାହାଙ୍ଗାରେ ଜଣଙ୍କର ହୋଇଛି ମୃତ୍ୟୁ । ଏହାକୁ ମିଶାଇ ସାରା ରାଜ୍ୟରେ ମୃତ୍ୟୁସଂଖ୍ୟା ୨୩ରେ ପହଞ୍ଚିଛି । ପ୍ରତିଦିନି ନୂଆ ରୋଗୀ ମେଡିକାଲରେ ଭର୍ତ୍ତି ହେଉଛନ୍ତି । ଏଭଳି ସ୍ଥିତିରେ ଝାଡାବାନ୍ତିର ମୁକାବିଲା କିପରି କରାଯିବ ତାକୁ ନେଇ ଚ଼ିନ୍ତାରେ ପଡିଛି ସ୍ୱାସ୍ଥ୍ୟ ବିଭାଗ ।ଉଜୁଡି ଯାଉଛି ସଂସାର । କାନ୍ଦ ବୋବାଳିରେ ଫାଟି ପଡୁଛି ପରିବାର । ଥମୁନି ଝାଡାବାନ୍ତି । ପ୍ରତିଦିନ ଆସୁଛି ନୂଆ ମାମଲା । ୧୧ ଦିନ ପରେ ବି କଣ୍ଟ୍ରୋଲକୁ ଆସୁନି ହଇଜା । ନିରାକରଣ ନେଇ ବାଟ ପାଉନି ସ୍ୱାସ୍ଥ୍ୟ ବିଭାଗ । ଝାଡାବାନ୍ତିରେ ଆଜି ପୁଣି ଜଣଙ୍କର ମୁଣ୍ଡ ଗଡିଛି । ମାହାଙ୍ଗାରେ ଜଣେ ଯୁବକଙ୍କ ମୃତ୍ୟୁ ପରେ ଝାଡାବାନ୍ତି ମୃତ୍ୟୁସଂଖ୍ୟା ୨୩ରେ ପହଞ୍ଚିଛି । ସଂକ୍ରମଣରେ ଆଖି ବୁଜିଛନ୍ତି ମାହାଙ୍ଗା ବ୍ଲକ ମଉଦା କ୍ଷେତ୍ରପାଳ ଗାଁର ଅଜୟ ନାୟକ । ଖବର ଜଣାପଡିବା ପରେ ସ୍ୱାସ୍ଥ୍ୟ ଓ ପରିମଳ ବିଭାଗର କର୍ମଚ଼ାରୀ ଗାଁରେ ପହଞ୍ଚି ପାଣିର ଉତ୍ସକୁ ବିଶୋଧନ କରିଛନ୍ତି । ଏପରିକି ପାଣିର ନମୁନାକୁ ମଧ୍ୟ ପରୀକ୍ଷା ପାଇଁ ପଠାଯାଇଛି ।

# ବିକାଶ ମେଳା ୨୦୨୫ ଉପଲକ୍ଷେ ଗଣ ଦୌଡ଼ ଅନୁଷ୍ଠିତ




ରାୟଗଡ,(ପି.ଏନ):ରାୟଗଡ଼ ବିକାଶ ମେଳା -୨୦୨୫ ଉପଲକ୍ଷେ ଗଣ ଦୌଡ଼ ଗଣ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସରକାରଙ୍କ ଏକ ବର୍ଷ ପୂର୍ତି ପାଳନ ଅବସରରେ ଗତ ୧୨ଜୁନରୁ ଆରମ୍ଭ ହୋଇଥିବା ବିକାଶ ମେଳା ଆସନ୍ତା ୨୧ଜୁନରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ । ଆଜି ସ୍ଥାନୀୟ ସାଇ ଇନଣ୍ଟନେସିନାଲ ଛକରୁ କୁଟୁଲାଗୁଡା ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଗଣ ଦୌଡ଼କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବୀନ ଚ଼ନ୍ଦ୍ର ନାୟକ ଓ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ରାୟଗଡ଼ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ ଯୋଗଦେଇ ଶୁଭାରମ୍ଭ କରିଥିଲେ କ୍ଷ ବିଶେଷ କରି ମହିଳା ମହାବିଦ୍ୟାଳୟ ଓ ରାୟଗଡ଼ ସଙ୍ଘ ଶାସିତ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ବିଭିନ୍ନ ବର୍ଗର ପ୍ରତଯୋଗୀ ଅଂଶଗ୍ରହଣ କରି ଦୀର୍ଘ ୫କିଲୋମିଟର ଦୂର ଅତି ଉତ୍ସାହର ସହିତ ଦୌଡ଼ିଥିଲେ । ଏଥିରେ ପୁରୁଷ ବର୍ଗରେ ଆର.ଧନୀ ପ୍ରଥମ, ମନୋଜ ନାୟକ ଦ୍ୱିତୀୟ ଏବଂ ରୋହନ କାଡ୍ରାକା ତୃତୀୟ ସ୍ଥାନ ହାସଲ କରିଥିଲେ । ସେହିପରି ମହିଳା ବର୍ଗରେ ଲଳିତା ଟିଆକା ପ୍ରଥମ,ପିଙ୍କି ହୀମିରିକା ଦ୍ୱିତୀୟ ଓ ଦୀପିକା ବିଡ଼ିକା ତୃତୀୟ ସ୍ଥାନ ହାସଲ କରିଥିଲେ । ବିଜୟୀ ପ୍ରାର୍ଥୀଙ୍କୁ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଖେମୁଣ୍ଡୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଏହି ବିକାଶ ଗଣ ଦୌଡ଼କୁ ଭାରତୀୟ ଷ୍ଟେଟ ବ୍ୟାଙ୍କର ସାଧାରଣ ପରିଚ଼ାଳକ ଶ୍ରୀ ଉତର କୁମାର ପଟେଲ ଯୋଗଦେଇଥିଲେ । ଷ୍ଟେଟ ବ୍ୟାଙ୍କ ରାୟଗଡ଼ ତରଫରୁ ପ୍ରସ୍ୱାହନ ଦିଆଯାଇଥିବା ବେଳେ ଜିଲ୍ଲା କ୍ରୀଡା ବିଭାଗ ଆୟୋଜନ କରିଥିଲେ କ୍ଷ ଆଜିର ଗଣ ଦୌଡ଼ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚ଼ନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲାସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ, ପିଏମ ଫାଇନାନ୍ସ ଜିଲ୍ଲାପରିଷଦ ଶ୍ରୀ ରଶ୍ମୀ କାନ୍ତ ପରିଡ଼ା, ପିଏମ ଗ୍ରାମୀଣ ଗୃହ ବିଭାଗ ଶ୍ରୀ ପ୍ରଭାତ କୁମାର ଲେଙ୍କା, ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ବିଭାଗର କର୍ମଚ଼ାରୀ ଆଦି ଯୋଗଦାନ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ଯୋଗଦିବସ ପାଳନ ଅବସରରେ ପୁରସ୍କୃତ କରାଯିବ କ୍ଷ ଏହି କାର୍ଯ୍ୟକ୍ରମକୁ କ୍ରୀଡା ଅଧିକାରୀ ଜନାବ ଶେଖ ଅଲେନୁର,କ୍ରୀଡା ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ପରିଚ଼ାଳନା କରିଥିଲେ ।

# ପାରଳାରେ ତେଲୁଗୁ ଭାଷାରେ ଚ଼ାଲିଛି ପ୍ରଚ଼ାର, ଓଡ଼ିଆ ଭାଷାର ପ୍ରଚ଼ଳନ ହୋଇଛି ବନ୍ଦ,ପ୍ରଶାସନ ନୀରବ



ପାରଳାଖେମୁଣ୍ଡି,(ପି.ଏନ): ଦିନ ଥିଲା ଓଡ଼ିଆ ଭାଷା , ସାହିତ୍ୟ ଓ ସଂସ୍କୃତି ର କେନ୍ଦ୍ର ବିନ୍ଦୁ ଥିଲା ପାରଳାଖେମୁଣ୍ଡି । ହେଲେ ଆଜି ସେହି ପାରଳାଖେମୁଣ୍ଡି ସହରରେ ତେଲୁଗୁ ଭାଷାର ରାଜତ୍ୱ ଆରମ୍ଭ ହୋଇ ଯାଇଛି। ଓଡ଼ିଆ ଅସ୍ମିତା କଥା କହି ସରକାରକୁ ଆସିଥିବା ସରକାର୍ ଓ ଗଜପତି ଜିଲ୍ଲା ପ୍ରଶାସନ କିନ୍ତୁ ଏଥି ପ୍ରତି ନୀରବ ରହିଛନ୍ତି। ଓଡ଼ିଆ ବହୁଳ ଅଞ୍ଚଳରେ ମଧ୍ୟ ବ୍ୟବସାୟୀ କେବଳ ତେଲୁଗୁ ଭାଷାର ବ୍ୟବହାର କରୁଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ପ୍ରଶାସନ ଓଡ଼ିଆ ଭାଷା ପ୍ରଚ଼ଳନ ପ୍ରତି ଦୃଷ୍ଟି ଦେବାକୁ ପାରଳା ବୁଦ୍ଧିଜୀବୀ ମାନେ ଦାବୀ କରିଛନ୍ତି। ଆନ୍ଧ୍ର ରୁ ଆସୁଥିବା ବୁଲା ବିକାଳୀ ମାନେ ଯେଉଁଠି ଅଲଗା କୋଣସି ଭାଷା ଜାଣିନଥିବା, ପାରଳା ସାହି, ସମୁଟିଆ ସାହି, ନଦିଅତୋଟା ସାହି, ରାଜୁଗୁରୁ ସାହି, ଚ଼ିତ୍ରକାର ସାହି ଅନେକ ସାହି ରେ ସେଠି କେବଳ ତେଲୁଗୁ ଭାଷା ରି ହିଁ ମାଇକ ରେ ସୂଚ଼ନା ଦେଉଥିବା ଦେଖିବାକୁ ମିଳିଛି, ଏଠିକାର ସ୍ଥାନୀୟ ବାସିନ୍ଦା ମାନେ ଘର ନିନ୍ଦା କରୁଥିବା ଦେଖିନାକୁ ମିଳିଛି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray